# Akashvani, Sambalpur

# SAMBALPURI NEWS MORNING BULLETIN

## 26 February 2026 - 6.47- 6.52 am.

---

ରାଜ୍ୟସଭା ନିର୍ବାଚନ୍ ବିଜ୍ଞପ୍ତି        ଏନ୍ଏସ୍ଡି

ଓଡ଼ିଶା ସହେତ ୧୦ ଟା ରାଜ୍ୟର୍ ୩୭ ଟା ରାଜ୍ୟସଭା ଆସନ୍‌ଥି ନିର୍ବାଚନ୍ ଲାଗି ଆଏଜ ବିଜ୍ଞପ୍ତି ବାହାର୍‌ବା । ଆଏଜ୍‌ଠାନୁ ମାର୍ଚ୍ଚ ମାସର୍ ୫ ତାରିଖ୍ ନାମାଙ୍କନ ପତ୍ର ଦାଖଲ୍ କରାଯିବା । ୬ ତାରିଖ୍ ଯାଂଚ୍ ଆଉ ୯ ତାରିଖ୍ ନାମାଙ୍କନ୍ ପତ୍ର ପ୍ରତ୍ୟାହାର୍‌ର ଶେଷ୍ ଦିନ ରହିଛେ । ମାର୍ଚ୍ଚ ୧୬ ତାରିଖ୍ ସଖାଲର୍ ୯ ବଜେନୁ ଉପର୍‌ବେଲା ୪ ବଜେତକ୍ ମତଦାନ୍ ହେବା । ୫ ବଜେ ଭୋଟ୍ ଗନ୍‌ତି ହେବା । ସୂଚ୍‌ନା ଅନ୍‌ସାରେ ଓଡ଼ିଶାର୍ ୪ ଝନ୍ ରାଜ୍ୟସଭା ସଦସ୍ୟ ମମତା ମହାନ୍ତ, ମୁନା ଖାନ୍, ସୁଜିତ୍ କୁମାର୍ ଆଉ ନିରଞ୍ଜନ୍ ବିଶିଙ୍କର୍ କାର୍ଯ୍ୟକାଳ ଏପ୍ରିଲ୍ ମାସର୍ ୨ ତାରିଖ୍ ଦିନ ଶେଷ୍ ହେଉଛେ ।

ପ୍ରୟାଗରାଜ- ଜଗନ୍ନାଥ ମନ୍ଦିର        ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ଉତରପ୍ରଦେଶର ପ୍ରୟାଗ୍‌ରାଜ୍‌ଠାନେ ଥିବା ପବିତ୍ର ତ୍ରିବେଣୀ ସଙ୍ଗମ୍ ଖଣି ନ ଗଲାକାଏଲ୍ ଗୁଟେ ଭବ୍ୟ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହେଇଛେ । ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ୍ ଦେଇକରି କହିଛନ୍, ଇ ମନ୍ଦିର ଖାଲି ଗୁଟେ ସ୍ଥାପତ୍ୟ ନୁହେସେ, ଓଡ଼ିଶାର୍ ଜଗନ୍ନାଥ ସଂସ୍କୃତି ଆଉ ଉତର ଭାରତର ଆଧ୍ୟାତ୍ମିକ ଚେତନା ଭିତ୍‌ରେ ଇଟା ଗୁଟେ ଅଟୁଟ୍ ସାଂସ୍କୃତିକ ସେତୁ ଆଏ । ଇ ମନ୍ଦିର ସାରା ପୁର୍‌ଥିକେ ଶାନ୍ତି, ସଂହତି ଆଉ ମାନବିକତାର୍ ବାର୍ତା ଦେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସମାରୋହଥି ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ଭିଲ୍ ଉପସ୍ଥିତ୍ ଥିଲେ ।

ମହିଳା ଆଉ ଶିଶୁ ବିକାଶ ସମୀକ୍ଷା ଆଇ.ଆଣ୍ଡ୍.ପି.ଆର

ଓଡ଼ିଶା ଗସ୍ତଥି ଆସିଥିବା କେନ୍ଦ୍ର ମହିଳା ଆଉ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ବିଭାଗ୍ ତର୍‌ଫୁ ଚାଲିଥିବା ରାଜ୍ୟ ସରକାରଙ୍କର ଭିନ୍ ଭିନ୍ ଯୋଜ୍‌ନାର୍ ଅଗ୍ରଗତିର୍ ବାବ୍‌ଦେ ଗଲାକାଏଲ୍ ଭୁବନେଶ୍ୱର ନ ସମୀକ୍ଷା କରିଛନ୍ । ଉପମୁଖ୍ୟମନ୍ତ୍ରୀ ପ୍ରଭାତି

ପରିଡ଼ାଙ୍କର ଅଧ୍ୟକ୍ଷତାଥି ହେଇଥିବା ସମୀକ୍ଷା ବୈଠକ୍ଥି କେନ୍ଦ୍ରମନ୍ତ୍ରୀ ସୁଭଦ୍ରା ଯୋଜ୍ନାର୍ ପ୍ରଶଂସା କର୍ବାର୍ ସହେତେ ଅଙ୍ଗନୱାଡ଼ି କେନ୍ଦ୍ରମାନ୍କେ ପୋଷଣ ଆଉ ସଚେତନତା କାର୍ଯ୍ୟକ୍ରମ୍କେ ଜୋର୍ଦାର୍ କର୍ବାର୍ ଲାଗି ପରାମର୍ଶ ଦେଇଥିଲେ । ଇ ଅବ୍ସରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍, ମହିଳା ସଶକ୍ତୀକରଣ ଆଉ ଶିଶୁ ସୁରକ୍ଷା ରାଜ୍ୟ ସରକାରଙ୍କର ପହେଲା ପ୍ରାଥମିକ୍ତା ଆଏ । ମାର୍ଚ୍ଚ ୮ ତାରିଖ୍ ଦିନ ସୁଭଦ୍ରା ଯୋଜ୍ନାର ୪ ନମ୍ବର କିସ୍ତି ହିତାଧିକାରୀଙ୍କୁ ବାଂଟବାର୍ ଲାଗି ବିଭାଗ୍ ତର୍ଫୁ ପ୍ରସ୍ତୁତି ଚାଲିଛେ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ରାଜପଥ ପ୍ରକଳ୍ପ ସମୀକ୍ଷା ଆଇ.ଆଣ୍ଡ୍.ପି.ଆର

ରାଏଜେ ଜାତୀୟ ରାଜ୍ପଥ ପ୍ରକଳ୍ପମାନ୍କର ଅଗ୍ରଗତି ବାବ୍ଦେ ଗଲାକାଏଲ୍ ଭୁବନେଶ୍ୱର ଲୋକ ସେବା ଭବନ୍ ଗୁଟେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍ ହେଇଯାଇଛେ । ଆଇନ ଆଉ ପୂର୍ତମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଆଉର୍ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲ୍ନା ମନ୍ତ୍ରୀ ସୁରେଶ ପୂଜାରୀଙ୍କର ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ଥି

ରାଏଜେ ଚାଲୁଥିବା ୧୪ଟା ଜାତୀୟ ରାଜପଥ, ବାଇପାସ୍ ଆଉ ସେତୁ ପ୍ରକଳ୍ପମାନ୍‌କର ଅଗ୍ରଗତିର୍ ସମୀକ୍ଷା କରାଯାଇଥିଲା । ଧାରିଜ୍ ସମିଆ ଭିତ୍‌ରେ ସବୁ କାମ୍ ଶେଷ୍ କର୍‌ବାର୍ ଲାଗି ଜିଲ୍ଲାପାଳ ଆଉ ବିଭାଗୀୟ ଅଧିକାରୀମାନ୍‌ଙ୍କୁ ଦୁହି ମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ଶିକ୍ଷମନ୍ତ୍ରୀ ସମୀକ୍ଷା ବୈଠକ୍ ଆଇ.ଆଣ୍ଡ୍.ପି.ଆର

ଶିକ୍ଷମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବନେଶ୍ୱର ନ ବିଭାଗର୍ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ରାଏଜେ ଶିକ୍ଷାୟନ୍‌କେ ତୁର୍‌ତି କର୍‌ବାର୍ ଲାଗି ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଭାଗୀୟ ଅଧିକାରୀମାନ୍‌ଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଆଏବା ଜୁନ୍ ମାସ୍ ତକ୍ ୩ କୋଟିନୁ ଅଏତକା ଟଙ୍କାର୍ ପ୍ରକଳ୍ପମାନ୍‌କର ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ ଲାଗି ମନ୍ତ୍ରୀ ବିଭାଗ୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଇହାଦେତକ୍ ବହୁତ୍‌ଟେ ପ୍ରକଳ୍ପ ମୁଲ୍ ହେଇଥିବା ବେଲେ ବାକି ପ୍ରକଳ୍ପମାନ୍‌କୁ ତୁର୍‌ତି ସାରିକରି ଯୁଆନ୍ ପିଢ଼ିଙ୍କର୍ ଲାଗି

ଅଏତ୍କା ନିଯୁକ୍ତି ସୁଯୋଗ୍ ସୃଷ୍ଟି କର୍‌ବାର୍‌କେ ସରକାର ପ୍ରତିବଦ୍ଧ ଆନ୍ ବଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ ।

ପିଏମ୍ ରାହତ୍ ଯୋଜ୍‌ନା ପ୍ରସ୍ତୁତି ଆଇ.ଆଣ୍ଡ୍.ପି.ଆର

ରାଏଜେ 'ପ୍ରଧାନମନ୍ତ୍ରୀ ସଡ଼କ ଦୁର୍ଘଟଣା ପିଡ଼ିତ୍‌ଙ୍କୁ ଚିକିତ୍ସା ସେବା ଆଉ ନିଶ୍ଚିତ ଚିକିତ୍ସା'-ପିଏମ୍ ରାହତ୍ ଯୋଜ୍‌ନା କାର୍ଯ୍ୟକାରୀ କର୍‌ବାର୍ ଲାଗି ଭୁବନେଶ୍ୱର ଲୋକ ସେବା ଭବନ୍ ନ ଗଲାକାଏଲ୍ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କର ଅଧ୍ୟକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଯୋଜ୍‌ନାଥି ସଡ଼କ ଦୁର୍ଘଟ୍‌ନାର ୨୪ ଘଂଟା ଭିତ୍‌ରେ ଡାକ୍ତରଖାନା ନ ଭର୍ତି ହେଇଥିବା ପିଡ଼ିତମାନ୍‌ଙ୍କୁ ୭ ଦିନ୍‌ତକ୍ ନାହେଲେ ସର୍ବାଧିକ୍ ଦେଢ଼୍ ଲାଖ୍ ଟଙ୍କାର୍ ତକ୍ ମାହାଲିଆ ଚିକିତ୍ସା ସୁବିଧା ଯୁଗେଇ ଦିଆଯିବା । ଜିଲ୍ଲାସ୍ତର୍ ନ ଇତାକେ କାର୍ଯ୍ୟକାରୀ କର୍‌ବାର୍ ଲାଗି ମୁଖ୍ୟ ଶାସନ ସଚିବ ଜିଲ୍ଲାପାଲ୍‌ମାନକର ସଙ୍ଗେ ବୈଠକ୍‌ଥି ଆଲୋଚନା କରିଛନ୍ ।

କ୍ଷୁଦ୍ର ଉଦ୍ୟୋମ ସମୀକ୍ଷା ଆଇ.ଆଣ୍ଡ୍.ପି.ଆର

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କର ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବନେଶ୍ୱର ଲୋକ ସେବା ଭବନ୍ ନ ପ୍ରଧାନମନ୍ତ୍ରୀ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ୍ ଆନୁଷ୍ଠାନିକ୍‌କରଣ ଯୋଜ୍‌ନାର କାର୍ଯ୍ୟକାରିତାକେ ନେଇକରି ରାଜ୍ୟସ୍ତରୀୟ ଅନୁମୋଦନ କମିଟିର ବୈଠକ୍ ହେଇଯାଇଛେ । ରାଏଜେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରକେ ଆହୁରି ବ୍ୟାପକ୍ କର୍‌ବାର୍ ଲାଗି କେନ୍ଦ୍ର ସରକାରଙ୍କର୍ ଇ ଯୋଜ୍‌ନାର କାର୍ଯ୍ୟକାରିତା ଅବଧିକେ ୨୦୨୫-୨୬ ମସିହାତକ୍ ବଢ଼ାୟାଇଛେ ।

ମହାନଦୀ ଟ୍ରିବ୍ୟୁନାଲ୍              ଆର୍‌ଏନ୍‌ୟୁ/ ସମ୍ବଲପୁର

ମହାନଦୀ ଜଲ୍‌ବିବାଦ୍ ପ୍ରାଧିକରଣର ଗୁଟେ ଦଲ୍ ଆଏଜ୍ ଦୁଇଦିନିଆ ସମ୍ବଲପୁର ଗସ୍ତଥି ଆସୁଛନ୍ । ପ୍ରାଧିକରଣର ନୂଆ ଅଧ୍ୟକ୍ଷ ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀଙ୍କ ନେତୃତ୍ୱଥି ୩ ଝନିଆ ଖଣ୍ଡପୀଠ ହୀରାକୁଦ ଡେମ୍‌ର ସ୍ପିଲ୍‌ୱେ, କମାଣ୍ଡ ଏରିଆ, ବୁର୍ଲା

ପାୱାର ହାଉସ୍, ଚିପିଲିମା ପାୱାର୍ ହାଉସ୍ ବୁଲି ଦେଖିବେ ବଲି ଜନାପଡ଼ିଛେ ।

ହର୍ବାଲ୍ ମେଲା ବଲାଙ୍ଗୀର ସମ୍ବାଦଦାତା

ବଲାଙ୍ଗୀର ବନଖଣ୍ଡ ଆଉ ରାଜ୍ୟ ଔଷଧିୟ ଗଛ ପରିଷଦ୍ ତର୍ଫୁ ବଲାଙ୍ଗୀର ନ ଆଂଚଲିକ ହର୍ବାଲ୍ ମେଲାର୍ ଶୁଭାରମ୍ଭ ହେଇଯାଇଛେ । ୫ ଦିନିଆ ମେଲାକେ ଜିଲ୍ଲାପାଲ ଗୌରବ ଶିବାଜୀ ଇସଲ୍ୱାଲ୍ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ୪୫ଟା ଷ୍ଟଲ୍ ଜରିଏ ଭିନ୍ ଭିନ୍ ଔଷଧିୟ ଗଛ ପ୍ରଦର୍ଶନ୍ କରାଯାଉଛେ ।

ବଧିର ଏସିଆ କପ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଧିର ଏସିଆ କପ୍ ଟି-୨୦ କ୍ରିକେଟ୍‌ଥି ଭାରତୀୟ ଦଲ୍ ଇ ବଛରର୍ ଚେମ୍ପିଆନ୍ ହେଇଛେ । ଗଲକାଏଲ୍ କଟକ ବାରବାଟୀ ଷ୍ଟେଡିୟମ୍ ନ ଖେଲାଯାଇଥିବା ଫାଇନାଲ୍ ମେଚ୍‌ଥି ଶ୍ରୀଲଙ୍କା ଦଲ୍‌କେ ୬ ୱିକେଟ୍‌ଥି ହରେଇକରି ଭାରତୀୟ ଦଲ୍ ବିଶ୍ୱବିଜୟୀ ହେଇଛେ ।

ସବୁନୁ ଭଲ୍ ପ୍ରଦର୍ଶନ୍ କରିଥିବା ଭାରତୀୟ ଦଲ୍‌ର ସାଇ ଆକାଶ୍ ପ୍ଲେୟାର୍ ଅଫ୍ ଦି ଫାଇନାଲ୍ ଭାବେ ପୁରସ୍କୃତ୍ ହେଇଛନ୍ ।

ଟି-୨୦ ବିଶ୍ୱକପ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଇସିସି ଟି-୨୦ ବିଶ୍ୱକପ୍ ପୁରୁଷ କ୍ରିକେଟ୍‌ଥି ଆଏଜ୍ ଭାରତ୍ ଆଉ ଜିମ୍ବାୱେ ଭିତ୍‌ରେ ଚେନ୍ନାଇର୍ ଚିପକ୍ ଷ୍ଟାଡିୟମ୍ ନ ମେଚ୍ ଖେଲାଯିବା । ଦୁହି ଦଲ୍ ସୁପର୍-୮ ରାଉଣ୍ଡଥି ଗୁଟେ ଲେଖା ମେଚ୍ ହାରିଛନ୍ । ହେଥିର୍ ଲାଗି ଦୁହି ଦଲ୍ ଲାଗି ଆଝିରର୍ ମେଚ୍ ବହୁତ୍ ଗୁରୁତ୍ୱପୂର୍ଣ୍ଣ ଆଏ ।